# ଓପିଲିପି କାର୍ଯ୍ୟକ୍ରମ ପୁନଃ ଚାଲୁ କରିବାକୁ ଡଙ୍ଗରିଆଙ୍କ ଦାବି

**ଅଭିଯୋଗ ଶୁଣାଣିରେ କନ୍ଧ ଜନଜାତିଙ୍କ ଜିଲାପାଳଙ୍କୁ ନିବେଦନ**

ବିଷମକଟକ,୨୮।୧୦(ପ୍ରସନ୍ନ କୁମାର ପଣ୍ଡା)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଡଙ୍ଗରିଆ କନ୍ଧମାନେ।

ଓଡ଼ିଶା ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ (ଓପିଲିପି)କୁ ପୁନଃ ଚାଲୁ କରିବା ପାଇଁ ଡଙ୍ଗରିଆ କନ୍ଧ ଜନଜାତି ଦାବି କରିଛନ୍ତି। ବିଷମକଟକଠାରେ ଆୟୋଜିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଡଙ୍ଗରିଆଙ୍କ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି।

ଡଙ୍ଗରିଆ କନ୍ଧ ଜନଜାତିଙ୍କ କହିବା ମୁତାବକ, ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ପରେ ମଧ୍ୟ ଆମେ ଆମର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଛୁ। ପୂର୍ବାପେକ୍ଷା ଆମମାନଙ୍କର ଚାଲିଚଳଣି, ଜୀବନ ଜୀବିକା, ଶିକ୍ଷା, ଗମନାଗମନ ଇତ୍ୟାଦିରେ ବ୍ୟାପକ ପରିବର୍ତ୍ତନ ଆସିଛି। ସେଥିପାଇଁ ସରକାର ଏବଂ ଜିଲା ପ୍ରଶାସନକୁ ଆମ ଡଙ୍ଗରିଆ କନ୍ଧ ସମାଜ ତରଫରୁ ଧନ୍ୟବାଦ ଜ୍ଞାପନ କରୁଛୁ। କାରଣ ୨୦୧୭-୧୮ମସିହାରୁ ଆରମ୍ଭ କରାଯାଇଥିବା ଓପିଲିପି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଅଧିକାଂଶ ଗ୍ରାମକୁ ରାସ୍ତା ସଂଯୋଗୀକରଣ, ପାନୀୟ ଜଳର ସୁବିଧା, ସବୁ ଗ୍ରାମରେ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର, ଧାନଖଳା, ଶିଶୁଗୃହ, ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ତଥା କୃଷି ଉଦ୍ୟାନଭିତ୍ତିକ କୃଷି ପାଇଁ ବିଭିନ୍ନ ପ୍ରକାର ଚାରା ଓ ବିହନ ଯୋଗାଣ, ପଶୁପାଳନ ଆୟ ଉପାର୍ଜନ ପନ୍ଥା ବ୍ୟକ୍ତିଗତ ସହାୟତା, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସହାୟତା, ସମସ୍ତଙ୍କୁ ମାଗଣା ଚକ୍ଷୁ ଚିକିତ୍ସା, କରୋନା ମହାମାରୀ ସମୟରେ ଆର୍ଥିକ ସହାୟତା, କପଡ଼ାଗନ୍ଧାର ଜିଆ ଟ୍ୟାଗ୍ ଏବଂ ସମସ୍ତଙ୍କୁ ପକ୍କାଘର ପାଇବାରେ ସହଯୋଗ, ପିକ୍ଅପ୍ ଭ୍ୟାନ୍, ଟ୍ରାକ୍ଟର, ଶୀତଳଭଣ୍ଡାର ଆଦି ସହାୟତା ପ୍ରଦାନ କରିଛନ୍ତି। ସ୍ୱାଧୀନତାର ଦୀର୍ଘ ୭୦ ବର୍ଷ ମଧ୍ୟରେ ଯେତିକି ଉନ୍ନତି ହୋଇ ନ ଥିଲା, ଓପିଲିପି କାର୍ଯ୍ୟକ୍ରମ ମାଧ୍ୟମରେ ଗତ ୭ବର୍ଷ ମଧ୍ୟରେ ଆମେମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ସଶକ୍ତୀକରଣ ହୋଇପାରିଛୁ। ବିଶେଷ ଭାବେ ଉକ୍ତ କାର୍ଯ୍ୟକ୍ରମ ପ୍ରତି ଗ୍ରାମର ଗ୍ରାମ୍ୟ ଉନ୍ନୟନ କମିଟି ମାଧ୍ୟମରେ ସମ୍ପାଦନା କରାଯାଇଥିବା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଗତ ସେପ୍ଟେମ୍ବର ୨୦୨୪ରୁ ଓପିଲିପି କାର୍ଯ୍ୟକ୍ରମ ବନ୍ଦହେବା ଦ୍ୱାରା ଆମର ଯେଉଁଭଳି ବିକାଶର ଅଗ୍ରଗତି ବଢ଼ି ଚାଲିଥିଲା ତାହା କମିଯିବା ସମ୍ଭାବନା ରହିଛି। ଏଣୁ ସରକାର ଓପିଲିପି କାର୍ଯ୍ୟକ୍ରମକୁ ପୁନଃ ଚାଲୁ କଲେ ଆମେମାନେ ମଧ୍ୟ ବିକଶିତ ଓଡ଼ିଶାର ଭାଗୀଦାରି ହୋଇପାରିବୁ ବୋଲି ଜିଲାପାଳଙ୍କୁ ଲିଖିତପତ୍ର ଦେଇ ଡଙ୍ଗରିଆ କନ୍ଧମାନେ ନିବେଦନ କରିଛନ୍ତି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୨୮।୧୦(ଆଶିଷ ରଞ୍ଜନ ପଣ୍ଡା)

ପେଟପାଟଣା ପାଇଁ ସୁଦୂର କେରଳକୁ ଦାଦନ ଖଟିବାକୁ ଯାଇଥିବା ୨୧ ବର୍ଷୀୟ ରୁବେନ ମାଣ୍ଡାଙ୍ଗିଙ୍କ ସୋମବାର ମୃତ୍ୟୁ ହୋଇଛି। ରୁବେନଙ୍କ ମୃତଦେହ ନିଜ ଗାଁକୁ ଆଣିବା ପାଇଁ ଆର୍ଥିକବସ୍ଥା ସ୍ୱଚ୍ଛଳ ନ ଥିବାରୁ ପରିବାର ଲୋକେ ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇ ଛନ୍ତି । ମୃତ ରୁବେନ ରାୟଗଡା ଜିଲା କୋଲନରା ବ୍ଲକ କାଟିକଣା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣିଛତର ଗ୍ରାମର ଗୀତା ମାଣ୍ଡାଙ୍ଗିଙ୍କ ପୁଅ ବୋଲି ଜଣାପଡିଛି। ସେ ଗତ ୪ମାସ ତଳେ କେରଳ ତ୍ରିଶୁର ଜିଲାର ଟାଉନ ଇଷ୍ଟ ଥାନା ଅନ୍ତର୍ଗତ ସେଣ୍ଟ ଥୋମାସ କଲେଜ ରୋଡ, ଆମ୍ବାକାଦନ ଜଙ୍କସନଠାରେ ଥିବା କୁକଡୋର ନାମକ ଏକ ହୋଟେଲରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ । ଗତ କିଛି ଦିନ ଧରି ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ହୋଟେଲ ମାଲିକ ତାଙ୍କ ପରିବାର ବର୍ଗଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ମୃତଦେହ ବ୍ୟବେଚ୍ଛଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ରୁବେନଙ୍କ ମୃତଦେହ ଆଣିବାକୁ ପରିବାର ଲୋକେ ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ । ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଶ୍ରମ ଅଧିକାରୀ ସଞ୍ଜୟ ରଇତ ହୋଟେଲ ମାଲିକଙ୍କ ସହ ଯୋଗାଯୋଗ କରିଥିବା ନେଇ ରଇତ ପ୍ରକାଶ କରିଛନ୍ତି ।

# ଓର୍‌ମାସ ପକ୍ଷରୁ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ



ଅତିଥିମାନେ ଦୀପାବଳି ଉତ୍କଳ ଷ୍ଟଲକୁ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା,୨୮।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଜନଜାତି ସେବା ଜଗତ ପରିସରରେ ଦୀପାବଳି ଉତ୍କଳ ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଡିପିଏମ୍ ଓଏଲ୍ଏମ୍ ହେମନ୍ତ କୁମାର ବାଗ, ଡିସିଇଓ ଓର୍‌ମାସ ମନୋଜ କୁମାର ପାତ୍ର ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ଦୀପ, ଟେରାକୋଟା ଆଇଟମ, ପାହାଡ଼ରୁମ, ଗେଣ୍ଡୁ ଫୁଲ, ରାଗି ମିଠା, ନିୟମଗିରି କଦଳୀ, ପ୍ରତିମା, ଟୋଲ ତେଲ, ଡୋକ୍ରା ଇତ୍ୟାଦି ବିକ୍ରୟ ଓ ପ୍ରଦର୍ଶନ ମଣ୍ଡପରେ ପ୍ରଦର୍ଶିତ ହେଉଛି । ସ୍ଥାନୀୟ କାରିଗର ଓ ହସ୍ତଶିଳ୍ପୀଙ୍କୁ ଉତ୍ସାହିତ କରିବା ପାଇଁ ତଥା ସେମାନଙ୍କ ତିଆରି ସାମଗ୍ରୀର ପ୍ରଚାରପ୍ରସାର ପାଇଁ ଏହି ଷ୍ଟଲ ଖୋଲାଯାଇଥିବା ସୂଚନା ମିଳିଛି।

# ଦୁର୍ନୀତି ରୋକିବାକୁ ଶପଥପାଠ



ଜିଲା ସଦର ମହକୁମାରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ରାୟଗଡ଼ା,୨୮।୧୦(ଆଶିଷ ରଞ୍ଜନ ପଣ୍ଡା)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଅବସରରେ ସୋମବାର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶପଥ ପାଠ କରାଯାଇଥିଲା । ସ୍ଥାନୀୟ ଓସ୍ୱାନ ହଲ୍‌ଠାରେ ଆଭାସି ମାଧ୍ୟମରେ ସିଧା ପ୍ରସାରଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ଏହି ମୂଳମନ୍ତ୍ର ଦେଇଥିଲେ। ଜିଲାପାଳଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଆଭାସି ମାଧ୍ୟମରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭକରି ପ୍ରତ୍ୟେକ ବ୍ଲକ୍‌ର ଓସ୍ୱାନ ହଲ୍ ସହିତ ସିଧାସଳଖ ଯୋଡ଼ିହୋଇ କର୍ମଚାରୀମାନେ ଶପଥ ପାଠ କରିଥିଲେ । ବିଷମକଟକ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶିବିର ଥିବାରୁ ରାୟଗଡା ଜିଲାପାଳ ପାରୁଲ ପଟୱାରି, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ବିଷମକଟକ ବ୍ଲକ୍‌ରେ ଶପଥ ପାଠ କରିଥିଲେ । ସେହିପରି ଜିଲା ସଦର ମହକୁମାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଦୁର୍ନୀତି ନିବାରଣ ଶାଖା ଉପ ଆରକ୍ଷୀ ଅଧୀକ୍ଷକ, ଡେପୁଟି କଲେକ୍ଟର ମଧୁମିତା ବେହେରା, ସହକାରୀ ଜିଲାପାଳ ଭଞ୍ଜନ କହଁରଙ୍କ ସମେତ ସମସ୍ତ କର୍ମଚାରୀ ଶପଥପାଠ କରିଥିଲେ । ସେହିପରି ବିଭିନ୍ନ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ, ଅନୁବିଭାଗୀୟ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ ।

# ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ଏମ୍‌ପି, ବିଧାୟକ

**କାଙ୍କୁବାଡ଼ି ବିଦ୍ୟାଳୟ ପରିଦର୍ଶନ**

ବିଷମକଟକ,୨୮।୧୦( ପ୍ରସନ୍ନ କୁମାର ପଣ୍ଡା)



କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକା ଏବଂ ବିଷମକଟକ ବିଧାୟକ ନୀଳମାଧବ ହିକକା ସୋମବାର ବ୍ଲକ୍‌ର କାଙ୍କୁବାଡ଼ି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମଧ୍ୟାହ୍ନ ୧ ଟାରେ ଏମ୍‌ପି ଉଲାକା ଏବଂ ବିଧାୟକ ହିକକା ବିଦ୍ୟାଳୟ ପରିସରରେ ଚଟାଣରେ ବସି ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ ଖାଇଥିଲେ। ଖାଇବା ପରେ ଉଭୟ ନେତା ଛାତ୍ରୀଛାତ୍ରଙ୍କ ସହ କିଛି ସମୟ ବିତାଇଥିଲେ। ଏହି ସମୟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଯେଉଁସବୁ ସମସ୍ୟା ରହିଛି, ତାହା ଅଳ୍ପ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ଏମ୍‌ପି କହିଛନ୍ତି। ଏମ୍‌ପି ଓ ବିଧାୟକଙ୍କୁ ନିକଟରେ ପାଇ ଛାତ୍ରୀଛାତ୍ର ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୁସି ବ୍ୟକ୍ତ କରିଥିଲେ। ସେମାନଙ୍କ ସହ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଦିଲୀପ ପଟ୍ଟନାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୁଣପୁର ଥେରୁବାଲି ରେଳପଥ ଜମି ଅଧିଗ୍ରହଣ ପାଇଁ ଅଧିକାରୀ ନିଯୁକ୍ତ

ରାୟଗଡ଼ା/ଗୁଣପୁର,୨୮।୧୦
(ଆଶିଷ ରଞ୍ଜନ ପଣ୍ଡା /ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଥେରୁବାଲି ରେଳପଥ କାର୍ଯ୍ୟ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି। ଗୁଣପୁର ଥେରୁବାଲି ରେଳପଥ ପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ପାଇଁ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭୋଳାନାଥ ମାଝିଙ୍କୁ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ରେଳ ବିଭାଗ ଅନ୍ତର୍ଗତ ଭାରତ ରାଜପଥର ଗେଜେଟରେ ଏହି କାର୍ଯ୍ୟ ସକାଶେ ୧୭ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳ ମଧ୍ୟ ରାୟଗଡା ଉପଜିଲାପାଳଙ୍କୁ ପତ୍ରାଳାପ କରି ଡେପୁଟି କଲେକ୍ଟର ଭୋଳାନାଥ ମାଝିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ବହୁ ପ୍ରତୀକ୍ଷିତ ଗୁଣପୁର-ଥେରୁବାଲି ୭୩.୬୨ କି.ମି. ରେଲଲାଇନ ନିର୍ମାଣ ପାଇଁ ଅଗଷ୍ଟ ୧୦ରେ କ୍ୟାବିନେଟ ମଞ୍ଜୁର ପାଇଥିବା ରେଳମନ୍ତ୍ରୀ ଘୋଷଣା କରିଥିଲେ। ଏହାର ୧୦ ଦିନ ମଧ୍ୟରେ ଅର୍ଥାତ୍ ଅଗଷ୍ଟ ୧୯ ରେ ବିଭିନ୍ନ କାର୍ଯ୍ୟ ସକାଶେ ଅର୍ଥ ମଞ୍ଜୁର ହୋଇଥିଲା। ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ୧୦୧୨.୯୬ କୋଟି, ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂ ପାଇଁ ୧୦୧.୫୩ ଏବଂ ସିଗ୍‌ନାଲ ଓ ଟେଲିକମ୍ୟୁନିକେଶନ ପାଇଁ ୫୧.୪୦ କୋଟି ସମୁଦାୟ ଏପରି ୧୧୬୫.୮୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରେଳ ବିଭାଗର ଏପରି ତ୍ୱରିତ ପଦକ୍ଷେପ ପାଇଁ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବା ସହ ଶୀଘ୍ର ସରିବା ନେଇ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।

# ଦେଢ଼ ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଗିରଫ

ରାୟଗଡା, ୨୮।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଥେରୁବାଲିଠାରେ ଥିବା ଏକ ଘରେ ବେଆଇନ ବାଣ ବ୍ୟବସାୟ ଚାଲିଥିବାବେଳେ ପୋଲିସ ଚଢ଼ାଉକରି ଦେଢ ଲକ୍ଷ ଟଙ୍କାର ବାଣ ଜବତ କରିଛି। ଏହି ଘଟଣାରେ ପୋଲିସ ସପନ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଥେରୁବାଲି ଗ୍ରାମର ଡିପି କ୍ୟାମ୍ପରେ ଥିବା ଏକ ଘରେ ବାଣ ଗଚ୍ଛିତ ରହିଥିବା ନେଇ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ସୂଚନା ପାଇ ଚଢାଉ ପାଇଁ ଚାନ୍ଦିଲି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଚାନ୍ଦିଲି ପୋଲିସର ଏକ ଟିମ୍ ଚଢାଉ କରିବା ସହ ବାଣ ବ୍ୟବସାୟୀ ସପନଙ୍କୁ ବିକ୍ରି ପାଇଁ ଲାଇସେନ୍ସ ମାଗିଥିଲେ ମଧ୍ୟ ସେ ଦେଖାଇ ନ ଥିଲେ। ପୋଲିସ ସମସ୍ତ ବାଣ ଜବତକରି ଥାନାକୁ ଆଣିଥିଲା। ସେଠାରେ ପଚରାଉଚୁରା ବେଳେ ସପନ ଚୋରାରେ ବାଣ ବିକ୍ରି ପାଇଁ ଗଚ୍ଛିତ ରଖିଥିବା କହିଥିଲା। ଏନେଇ ପୋଲିସ ମାମଲା ରୁଜୁକରି ସପନଙ୍କୁ ଗିରଫ କରିଛି।

# ସରକାରୀ ଜମିରେ ଥିବା ଢାବା ଭଙ୍ଗାଗଲା

ବିଷମକଟକ, ୨୮।୧୦(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍ଅନ୍ତର୍ଗତ ଚାଚରାଗୁଡ଼ାଠାରେ ସରକାରୀ ଜମିରେ ନିର୍ମାଣ ହୋଇଥିବା ମୁକେଶ ଢାବାକୁ ସୋମବାର ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ଓ ପୋଲିସ ଉପସ୍ଥିତିରେ ବୁଲ୍‌ଡୋଜର ଲଗାଇ ଢାବାକୁ ସମ୍ପୂର୍ଣ୍ଣଭାଙ୍ଗିଦିଆଯାଇଛି। ସୂଚନାଯୋଗ୍ୟ, ବହୁ ବର୍ଷ ଧରି ସରକାରୀ ଜାଗାରେ ଜବରଦଖଲ କରି ଢାବା ନିର୍ମାଣ କରାଯାଇଥିଲା। ଢାବା ଉଚ୍ଛେଦ ପାଇଁ ବିଷମକଟକ ଜନସାଧାରଣ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ବିଷମକଟକ ତହସିଲଦାର ରେଡ୍ଡୀ ଘଟଣାର ତଦନ୍ତ କରବା ସହ ସରକାରୀ ଜାଗାରେ ଢାବା ନିର୍ମାଣ ହୋଇଥିବାରୁ ଜାଗା ଖାଲି କରିବା ପାଇଁ ଢାବା ମାଲିକ ମୁକେଶ ବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଢାବା ମାଲିକ କୌଣସି ଗୁରୁତ୍ୱ ନ ଦେବାରୁ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଢାବା ଭଙ୍ଗାଯାଇ ଥିବା ତହସିଲଦାର ରେଡ୍ଡୀ ସୂଚନା ଦେଇଛନ୍ତି।

# ଭୂତଳ ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ ନିଷ୍ପତ୍ତି

**ମୁନିଗୁଡ଼ା ପ୍ରଗତି ମଞ୍ଚ ବୈଠକ**

ମୁନିଗୁଡା,୨୮।୧୦ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ପ୍ରଗତି ମଞ୍ଚ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସିଏଚ. ଗଣେଶ୍ୱର ରାଓ ଓ ସମ୍ପାଦକ ସୀମାଞ୍ଚଳ ପଣ୍ଡାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁନିଗୁଡ଼ା -ବିଷମକଟକ ରାସ୍ତାରେ ଏକ ଭୂତଳ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ବାଧହୋଇ ମୁନିଗୁଡ଼ାରେ ପ୍ରଗତି ମଞ୍ଚ ତରଫରୁ ଏକ ବଡ଼ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ମୁନିଗୁଡ଼ା ସହର ଏକ ବ୍ୟବସାୟୀ ପେଣ୍ଠସ୍ଥଳୀ ସହ ଜନଗହଳି ସହର। ମୁନିଗୁଡ଼ା -ବିଷମକଟକ ରାସ୍ତାରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଭାରିଯାନ ଯିବାଆସିବା କରୁଛି। ଏଥିସହ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରେଳ ଫାଟକ ଅଧିକାଂଶ ସମୟରେ ପଡି ରହୁଥିବାରୁ ଅନେକ ସମୟରେ ରାସ୍ତାରେ ଭାରିଯାନଗୁଡିକ ଅଟକି ରହୁଛି। ଫଳରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏଥିସହ ଏହାର ସିଧାସଳଖ ପ୍ରଭାବ ବ୍ୟବସାୟ ଉପରେ ମଧ୍ୟ ପଡୁଛି। ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ମୁନିଗୁଡ଼ାରେ ଏକ ଭୂତଳ ରାସ୍ତା ନିର୍ମାଣ ଲାଗି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ତେଣୁ ବାଧହୋଇ ମୁନିଗୁଡ଼ାରେ ପ୍ରଗତି ମଞ୍ଚ ତରଫରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନ ନିମନ୍ତେ ମୁନିଗୁଡ଼ା ଷ୍ଟେଶନରେ ଆସନ୍ତା ନଭେମ୍ବର ୧ରେ ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ସମ୍ବଲପୁର ଡିଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସହ ସମ୍ପାଦକ ମନୋରଞ୍ଜନ ଦଳାଇ, କୋଷାଧକ୍ଷ ନନ୍ଦକିଶୋର ପଟ୍ଟନାୟକ, ସଦସ୍ୟ ପ୍ରଦୀପ କୁମାର ପରିଛା, ସୁଦାମ ଚରଣ ପଣ୍ଡା, କେ.ଶ୍ରୀନିବାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଆମ୍ବୁଲାନ୍ସ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ରାୟଗଡ଼ା,୨୮।୧୦(ଆଶିଷ ରଞ୍ଜନ ପଣ୍ଡା)

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ନଭେମ୍ବର ୧ରୁ ସାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ କରିଦିଆଯିବ ବୋଲି ଅଲ ଓଡିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୋମବାର ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଦାବିପତ୍ର ଦାଖଲ କରାଯାଇଥିବା ଆମ୍ବୁଲାନ୍ସ କର୍ମଚାରୀ ସୂଚନା ଦେଇଛନ୍ତି । ଯଦି ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଦାବିର ସମାଧାନ ନ ହୁଏ ତେବେ ୧ରୁ ସମସ୍ତ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ ଗାଡ଼ି ଛାଡ଼ି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

ଏମ୍ରି ଗ୍ରୀନ୍ ନାମକ ଏକ ଘରୋଇ ଠିକା ସଂସ୍ଥା ଗତ ୨୧ ତାରିଖରୁ ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ଜରୁରିକାଳୀନ ସେବା ହାତକୁ ନେଇଛି। ଉକ୍ତ ସଂସ୍ଥା ଜିଲା ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଜାଣିଶୁଣି ଡ୍ୟୁଟି କିମ୍ବା ନିଯୁକ୍ତି ଦେଉନାହିଁ ବୋଲି ଅଭିଯୋଗ ହୋଇଛି। କାରଣ ପୂର୍ବରୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଶୋଷଣର ଶିକାର ହେଉଥିଲେ । ଦୀର୍ଘଦିନ ଧରି ସଂଘର କାର୍ଯ୍ୟକର୍ତ୍ତାମାନେ ସଂସ୍ଥା ସହ ଲଢ଼େଇକରି କର୍ମଚାରୀଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି । ତେଣୁ ନୂଆ ସଂସ୍ଥା ଏବେ ଏହି କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖାକରି କାର୍ଯ୍ୟରେ ନିୟୋଜିତ କରୁନାହିଁ ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସଂଘ ପକ୍ଷରୁ ଗତ ୨୨ ତାରିଖରେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ଟାୱାରରେ ଥିବା ଠିକା ସଂସ୍ଥା କାର୍ଯ୍ୟାଳୟକୁ ଯାଇ ପ୍ରାୟ ଦେଢ଼ ହଜାର କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ସଂସ୍ଥା କର୍ତ୍ତୃପକ୍ଷ ୨ ଦିନରେ ସମାଧାନକରି ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ନିଯୁକ୍ତି ଦେବାକୁ ଗଣମାଧ୍ୟମ ସମ୍ମୁଖରେ କହିଥିଲେ । କିନ୍ତୁ ଏକ ସପ୍ତାହ ପରେ ବି କୌଣସି ସମାଧାନ ହୋଇନାହିଁ। ଆମ୍ବୁଲାନ୍ସ କର୍ମଚାରୀ ସଂଘ ଜିଲା ସଭାପତି ଗଙ୍ଗାଧର ଶବର ଓ ସମ୍ପାଦକ ଜ୍ଞାନ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବୁଲାନ୍ସ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୩୫ କିଲୋ ପରିବର୍ତ୍ତେ ମିଳୁଛି ୨୫ କିଲୋ ମାଣ୍ଡିଆ

**ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ହିତାଧିକାରୀଙ୍କ ଅଭିଯୋଗ**

ଚନ୍ଦ୍ରପୁର, ୨୮।୧୦ (ବିଜୟ ପ୍ରସାଦ ଉଲାକା)



ଅଭିଯୋଗ ଶୁଣାଣିରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ବୁଦିବାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସରକାରଙ୍କ ପକ୍ଷରୁ ରାଶନ କାର୍ଡଧାରୀଙ୍କୁ ପ୍ରତ୍ୟେକ ପରିବାର ପିଛା ୩୫କିଲୋ ମାଣ୍ଡିଆ ଦିଆଯାଉଥିବାବେଳେ ବୁଦିବାଲି ପଞ୍ଚାୟତରେ୨୫ କିଲୋ ମାଣ୍ଡିଆ ଦିଆଯାଉଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ବୁଦିବାଲି ପଞ୍ଚାୟତ ଅଧୀନ ଗେଡେଙ୍ଗ ବାଟା, ପଟନା ଗୁଡ଼ି, କମାର ଗୁଡ଼ି, ପେନାକାଡୁ, ବୁଦିବାଲି ଗ୍ରାମର ଶମ୍ଭୁ ଗୋଗେରେଙ୍ଗା, ମିଦାସ ଗୋଗେରେଙ୍ଗା, ରୁଷି ଗୋଗେରେଙ୍ଗା, କେସେ ଗୋଗେରେଙ୍ଗା, କୈନ ସପକା ପ୍ରମୁଖ ଅଭିଯୋଗ କରିଛନ୍ତି। ବୃନ୍ଦାବତୀ ଏସ୍ଏଚ୍‌ଜି ଏବଂ ପଞ୍ଚାୟତର ମିଳିତ ଉଦ୍ୟମରେ ଏହା ବାଟମାରଣ ହୋଇଥିବା ସେମାନେ ସନ୍ଦେହ କରୁଥିବା ପ୍ରକାଶ କରୁଛନ୍ତି। ହିତାଧିକାରୀଙ୍କୁ କାହିଁକି କମ୍ ପରିମାଣରେ ମାଣ୍ଡିଆ ଦିଆଗଲା ବୋଲି ବିଡିଓ ଅକ୍ଷୟ କୁମାର ମଲ୍ଲିକ ଯୋଗାଣ ନିରୀକ୍ଷକ ମାନସ କୁମାର ଜେନାଙ୍କୁ ପଚାରିବାରୁ, ଏ ସମ୍ପର୍କରେ ଏସ୍ଏଚ୍‌ଜି ମା'ମାନଙ୍କୁ କୈଫିୟତ ମଗାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲାପାଳ ଏହାର ତଦନ୍ତକରି ପଦକ୍ଷେପ ନିଅନ୍ତୁ ବୋଲି ଗରଡ଼ାଙ୍ଗବାଟା ଗ୍ରାମର ଶମ୍ଭୁ ଗୋଗେରେଙ୍ଗା କହିଛନ୍ତ।

ଏଥିସହ ନେହୁରୁପଙ୍ଗା ଗ୍ରାମରେ ସୁରକ୍ଷା ପାଚେରି, ସିସି ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ଶିକ୍ଷା, ପିଇବା ପାଣି ସମ୍ପର୍କରେ ବିଭିନ୍ନ ଅଭିଯୋଗ କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ବିଡିଓ ମଲ୍ଲିକ, ସରପଞ୍ଚ ଭୀମ ଗୋଗେରେଙ୍ଗା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଜିପିଇଓ ରାଜେନ୍ଦ୍ର ପାଲ, ପିଇଓ କରୁଣାକର ସେନାପତି, ବିଇଓ ଗଣେଶ ଶବର, ଏବିଇଓ ବାଳକୃଷ୍ଣ ବିହାରୀ, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା, ସହକାରୀ କୃଷି ଅଧିକାରୀ ଅର୍ପିତା ବେହେରା ମାଝୀ, ଉଦ୍ୟାନ ବିଭାଗ ଅଧିକାରୀ ପ୍ରତୀକ ସେନାପତି, ପ୍ରାଣୀ ନିରୀକ୍ଷକ ରାଜ ସିଂ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅଭିଯୋଗ ଶୁଣାଣି ପାଇଁ ଠିକ୍ ରୂପେ ସୂଚନା ନ ମିଳିବାରୁ ଅଭିଯୋଗ ପ୍ରକୋଷ୍ଠକୁ କେହି ଆସିପାରିଲେ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସାଧୁତାର ଶପଥପାଠ

ମାଲକାନଗିରି, ୨୮।୧୦(ଦୁର୍ଯ୍ୟୋଧନ ପାତ୍ର)



ଦୁର୍ନୀତି ନିବାରଣକୁ ନେଇ ଶପଥପାଠ କରାଯାଉଛି ।

ପ୍ରତିବର୍ଷ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ସୋମବାର ମାଲକାନଗିରି ଜିଲାପାଳଙ୍କ ଓସ୍ୱାନ୍ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ନେଇ ସାଧୁତାର ଶପଥପାଠ କରାଯାଇଥିଲା। ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରରୁ ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ୍‌ରେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପଡିଆ ବ୍ଲକ କାର୍ଯ୍ୟାଳୟସ୍ଥିତ ଓସ୍ୱାନ୍ କକ୍ଷରେ ଶପଥପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ (ସାଧାରଣ) ସୋମାନାଥ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, ଦୁର୍ନୀତି ନିବାରଣ ଶାଖା ଡିଏସ୍‌ପି ସଦାନନ୍ଦ ପାଣି ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଓ ଏପିଡି ବାଲାଜୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ସମସ୍ତ କାର୍ଯ୍ୟାଳୟରେ ଶପଥପାଠ କରାଯାଇଥିଲା। ଚଳିତ ବର୍ଷ ରାଜ୍ୟ ସରକାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସତ୍ୟନିଷ୍ଠା ସଂସ୍କୃତି ହିଁ ରଷ୍ଟ୍ର ସମୃଦ୍ଧିର ଭିତ୍ତି ପ୍ରସଙ୍ଗକୁ ଆଧାରକରି ଅକ୍ଟୋବର ୨୮ ରୁ ୩ ନଭେମ୍ବର ପର୍ଯ୍ୟନ୍ତ ପାଳନ କରୁଛନ୍ତି।

# ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ଆବର୍ଜନା ପୃଥକୀକରଣ କେନ୍ଦ୍ର


ଆବର୍ଜନା ପୃଥକୀକରଣ କେନ୍ଦ୍ର ଭିତରେ ଥୁଆ ହୋଇଥିବା ମଦ ବୋତଲ ।

ମାଥିଲି, ୨୮।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ମିଶନ ତରଫରୁ ଆବର୍ଜନା ପୃଥକୀକରଣ କେନ୍ଦ୍ର ତିଆରି କରାଯାଇଛି। ଯାହା ଦ୍ୱାରା ଗାଁ ଗହଳିରେ ଅଳିଆ ଆବର୍ଜନା ସଂଗ୍ରହକରି ଏହି ଗୃହକୁ ଆଣି ସେଗୁଡିକର ରିଫାଇନ କରାଯିବ। କିନ୍ତୁ ଏହା କେବଳ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ଆସୁନାହିଁ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ସଦର ମହକୁମାରେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ସ୍ୱଚ୍ଛ ଭାରତ ମିଶନର ୩ ଲକ୍ଷ ୫୩ ହଜାର ଟଙ୍କାରେ ଆବର୍ଜନା ପୃଥକୀକରଣ କେନ୍ଦ୍ର ଜଙ୍ଗଲରେ ନିର୍ମାଣ କରାଯାଇଛି। ଏ ଗୃହ ନିକଟରେ ଦେଶୀ ଓ ବିଦେଶୀ ମଦ ଦୋକାନ ରହିଛି। ଏଠାରେ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ସହ ମଦ ବୋତଲ ଓ ଅନ୍ୟାନ୍ୟ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳୁଛି। ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦଶହରା ପୂର୍ବରୁ ୫୦ ହଜାର ଟଙ୍କା ଅର୍ଥ ବ୍ୟୟରେ ସେଲ୍ଫି ପଏଣ୍ଟ ନାମରେ ପ୍ଲାଷ୍ଟିକ୍‌ମୁକ୍ତ ପାଇଁ ମାଥିଲି ମେଡିକାଲ ସାମ୍ନାରେ ଜାଲି ଭିତରେ ଏକ ହାତୀ ନିର୍ମାଣ କରାଯାଇଛି। ତାହା ମଧ୍ୟ ୩୨୬ ନମ୍ବର ଜାତୀୟ ରାଜପଥକଡ଼ରେ ରହିଛି। କିନ୍ତୁ ସେହି ନିର୍ମାଣ ହୋଇଥିବା ଜାଲି ଭିତରକୁ ପ୍ଲାଷ୍ଟିକ ବୋତଲ ପକାଇବା ପାଇଁ ବାଟ ନାହିଁ। କିନ୍ତୁ ନିର୍ମାଣ ସମୟରେ ଏଠାରେ ସମସ୍ତେ ଅଳିଆ ଆବର୍ଜନା ପକାଇବା ପାଇଁ ପ୍ରଶାସନ ଯେଉଁ ପ୍ଲାଷ୍ଟିକ ବୋତଲ ସଚେତନତା ପାଇଁ ଭର୍ତ୍ତି କରିଥିଲା। କିନ୍ତୁ ଲୋକେ ସେ ଭିତରେ ନ ପାକାଇ ବାହାରେ ଅଳିଆ କରୁଛନ୍ତି।

ଏଭଳି ସ୍ୱଚ୍ଛ ଭାରତ ନାଁରେ ଅର୍ଥ ହରିଲୁଟ ହୋଇଥିବା ବେଳେ ତାହା ଜନସାଧାରଣଙ୍କ କାର୍ଯ୍ୟରେ ଆସୁନାହିଁ। ଏପରି ଅଳିଆ ପକାଇବା ପାଇଁ ମାଥିଲି ଅଞ୍ଚଳର ଅନେକ ସ୍ଥାନରେ କୁଣ୍ଡ ନିର୍ମାଣ କରାଯାଇ ପାରିଥାନ୍ତା। ତା' ହେଲେ କମ ଅର୍ଥ ବ୍ୟୟରେ ମାଥିଲି ଗ୍ରାମ ସ୍ୱଚ୍ଛ ସୁନ୍ଦର ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମାଥିଲି ବିଡିଓ ଡାକ୍ତର ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତିନ୍ଦ।

# ବଜରଙ୍ଗୀ ଉଦ୍ୟାନ ପରିସରରେ ଚାରାରୋପଣ

ମାଲକାନଗିରି, ୨୮।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମଲ୍ଲିକେଶ୍ୱର ପାହାଡ଼ ପାଦଦେଶରେ ଥିବା ବଜରଙ୍ଗୀ ଉଦ୍ୟାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାଗୁଡି ସାହିର ପୂର୍ବତନ କାଉନସିଲର ଡି.ବାଲାଙ୍କ ତତ୍ତ୍ୱାବଧାନରେ ସାହିର ମହିଳା, ପୁରୁଷ ଓ ପିଲାମାନେ ଉଦ୍ୟାନ ପରିସରରେ ଅଁଳା, ବେଲ, କଦମ୍ବ, ଜାମ୍ବ ଓ ନିମ୍ବ ଇତ୍ୟାଦି ବିଭିନ୍ନ ଔଷଧୀୟ କିସମର ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାଗୁଡି ସାହିର ଗଙ୍ଗ ପୂଜାରୀ, ଅଜିତ ପାତ୍ର, କିଶୋର ସାହୁ, ବିଷ୍ଣୁ ପାଣିଗ୍ରାହୀ, ରୀତା ସ୍ୱାଇଁ, ପୀତବାସ ହରିଜନ ଓ ଜଗଦୀଶ ଖରା ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଚାରାଗୁଡିକୁ ବଞ୍ଚାଇ ରଖିବା ସହ ଉଦ୍ୟାନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଡି.ବାଲା କହିଛନ୍ତି। ବର୍ତ୍ତମାନ ପରିବେଶ ସୁରକ୍ଷା ନିମନ୍ତେ ଗଛର ଆବଶ୍ୟକତା ଥିବାରୁ ଚାରାରୋପଣ ପାଇଁ ଅବସରପ୍ରାପ୍ତ ବନପାଳ ତଥା ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଅନୁଷ୍ଠାନକୁ ପ୍ରୋତ୍ସାହିତ କରିଥିଲେ। ଚାରାଗୁଡିକୁ ରକ୍ଷଣାବେକ୍ଷଣ ପାଇଁ ଦୁର୍ଗାଗୁଡିସାହିର ସମସ୍ତ ମହିଳା ପୁରୁଷ ଓ ଯୁବପିଢିଙ୍କୁ ଶପଥ ନେବାପାଇଁ ପରାମର୍ଶ ଦେଇଥିଲେ ।


ଚାରା ରୋପଣ କରାଯାଉଛି ।

# ଜିଲାପାଳଙ୍କୁ ଅଭିଯୋଗକଲେ ଛାତ୍ରୀଛାତ୍ର


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀଛାତ୍ର ।

ମାଲକାନଗିରି, ୨୮।୧୦
(ନୃସିଂହ ଚରଣ ମହାନ୍ତି)

**ଯୁକ୍ତ ୩ ତୃତୀୟ ସେମିଷ୍ଟରର ଫଳାଫଳରେ ଘୋଟାଲା ଅଭିଯୋଗ**

ଗତ କିଛିଦିନ ପୂର୍ବେ ମାଲକାନଗିରି ଜିଲାର ଯୁକ୍ତ ୩ ଛାତ୍ରୀଛାତ୍ରମାନେ ତୃତୀୟ ସେମିଷ୍ଟର ପରୀକ୍ଷା ଦେଇଥିଲେ। ତେବେ ଏହି ପରୀକ୍ଷାଫଳ ବାହାରିଥିବା ବେଳେ ଏଥିରେ ସମସ୍ତଙ୍କ ମାର୍କ କେବଳ ୧ ରୁ ୧୦ ମଧ୍ୟରେ ସୀମିତ ରହିଛି। ତେଣୁ ଏହି ଛାତ୍ରୀଛାତ୍ରଙ୍କ ଫଳ ପ୍ରକାଶରେ ଘୋଟାଲା ହୋଇଥିବା ଅଭିଯୋଗକରି ସୋମବାର ମାଲକାନଗିରି ଜିଲାର ସମସ୍ତ ଯୁକ୍ତ ୩ ମହାବିଦ୍ୟାଳୟ ତୃତୀୟବର୍ଷ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଛାତ୍ରୀଛାତ୍ରଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଆମେ ତୃତୀୟ ବର୍ଷ ପରୀକ୍ଷା ଦେଇଥିଲୁ। ପରୀକ୍ଷା ୮୦ ମାର୍କର ହୋଇଥିବା ବେଳେ ଚଳିତ ବର୍ଷର ପ୍ରଶ୍ନଗୁଡିକ ମଧ୍ୟ ସହଜ ଥିଲା। ଏହି ଛାତ୍ରୀଛାତ୍ରମାନେ ସମସ୍ତ ପରୀକ୍ଷା ପ୍ରାୟତଃ ଠିକ୍ ଉତ୍ତର ଲେଖିଥିଲେ। କିନ୍ତୁ ସମସ୍ତଙ୍କୁ ୧ ରୁ ୧୦ ମାର୍କ ଦିଆଯାଇଛି। ଏଥିସହ କେତେଜଣ ଛାତ୍ରୀଛାତ୍ରଙ୍କୁ ଶୂନ୍ୟ ମାର୍କ ଦିଆଯାଇଛି, ଯାହାକି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏପରି ଘୋଟାଲା ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ସମୟରେ କେତେକ ଉତ୍ତର ଠିକ୍ ଲେଖିଥିବା ବେଳେ ସେମାନଙ୍କୁ କିପରି ଶୂନ୍ ନମ୍ବର ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। କେତେଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ସୁଦ୍ଧା ସେମାନେ ଅନୁପସ୍ଥିତ ଥିବା ଦର୍ଶାଯାଇଛି। ତେଣୁ ଏ ସମ୍ପର୍କରେ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ଛାତ୍ରୀଛାତ୍ର ଦେଇଥିବା ସମସ୍ତ ବିଷୟର ପୁନଃ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୁଖ୍ୟଙ୍କ ସହ ଯୋଗାଯୋଗ କରି ଏହାର ସମାଧାନ କରାଯିବ। ଯଦି ଏହା ବିଶ୍ୱବିଦ୍ୟାଳୟର ହିଁ ଭୁଲ୍ ହୋଇଥାଏ ତେବେ ପୁନଃ ଯାଞ୍ଚ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ପ୍ରଦର୍ଶନୀ ବିଷୟରେ ଆଲୋଚନା କରାଯାଉଛି ।

କାଲିମେଲା, ୨୮।୧୦(ଜୀବନ କୃଷ୍ଣ ଦାସ )

କାଲିମେଲା ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ ଲାଗି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବ୍ଲକ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଭାରେ କାଲିମେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୁଭ ରଞ୍ଜନ ମାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାକୁ କିପରି ସମସ୍ତ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ଆଣିପାରିବେ ସେ ନେଇ ସମସ୍ତଙ୍କ ମତ ଲୋଡିବା ସହ ପରାମର୍ଶ ଦେଇଥିଲେ। ଉପାନ୍ତ ତେଲରାଇ ପଞ୍ଚାୟତ ଅନ୍ତର୍ଗତ ଯବାନପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ବିଜ୍ଞାନମେଳା ଆୟୋଜନ କରିବା ନେଇ ପ୍ରସ୍ତାବ ଦିଆଯାଇଥିବା ବେଳେ ଏହାକୁ ସମସ୍ତେ ସହମତି ଦେଇଥିଲେ । ଏହାର ତାରିଖ ଧାର୍ଯ୍ୟ କରାଯାଇନଥିବା ଜଣାପଡିଛିସ୍। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ତାପାଲି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେଷ ମଣ୍ଡଳ, ଚିନ୍ତା ହରଣ ମଧୁ, ଶିକ୍ଷକ ସଂଘ ସମ୍ପାଦକ ଦାମୋଦର ଡୁରୁକା, ୟୁପି ଏସ୍ ଶିକ୍ଷକ ସଂଘ ସଭାପତି କେ. ପୂର୍ଣ୍ଣଚନ୍ଦ୍ର ପାତ୍ର, କାଲିମେଲା ସିଆର୍‌ସିସି ରଞ୍ଜିତ ସରକାର, ଯବାନପାଲ୍ଲୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବକିଶୋର ମଲ୍ଲିକଙ୍କ ସମେତ ବିଭନ୍ନ ବିଦ୍ୟାଳୟରୁ ୨୦୦ରୁ ଅଧିକ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

# ପଡ଼ିଆ ବ୍ଲକ: ୫୦ ଅଭିଯୋଗ ଶୁଣିଲେ ଜିଲାପାଳ

ପଡିଆ, ୨୮।୧୦(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅଭିଯୋଗ ଶୁଣାଣି କରିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ଅଭିଯୋଗର ଶୁଣାଣି ହୋଇଥିଲା। ମୁଖ୍ୟତଃ ଶିଖପଲ୍ଲୀ ମୁଖ୍ୟ ରାସ୍ତା ମରାମତି ସହ ମାଟେରୁ ପଞ୍ଚାୟତରେ ଥିବା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଆରୋଗ୍ୟ ପଦବୀ ପୂରଣ ପାଇଁ ସରପଞ୍ଚ ଲଛମନ ମାଡକାମି ଲିଖିତ ଅଭିଯୋଗ କରିଥିଲେ। ସେହିପରି ୮ ପଞ୍ଚାୟତରୁ ବିଭିନ୍ନ ଲୋକେ ବିଦ୍ୟୁତ, ଭତ୍ତା ବଣ୍ଟନ, ମୋବାଇଲ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ପାଟିଲ ପଡିଆ ଥାନାକୁ ଯାଇ ପୋଲିସ ସେବା ଓ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ପ୍ରକାର ସେବା ଉପରେ ଆଲୋଚନା କରିଥିଲେ। ଏହାପରେ ପଡିଆ ଉଚ୍ଚ ବିଦ୍ୟାଳୟ ଓ କାଲଦାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କୋଲାଗୋଣ୍ଡା ଗ୍ରାମସ୍ଥିତ ଆଶ୍ରମ ବିଦ୍ୟାଳୟ ବୁଲି ଦେଖି ପିଲାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଏହି ଗସ୍ତବେଳେ ପଡିଆ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟାକୁ ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଜିଲାପାଳଙ୍କୁ ଦାବିପତ୍ର


ଆମ୍ବୁଲାନ୍ସ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ମାଲକାନଗିରି, ୨୮।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସୋମବାର ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ବର୍ତ୍ତମାନ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ପ୍ରତିଦିନ ୧୨ ଘଣ୍ଟା କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ମାତ୍ର ୮ ଘଣ୍ଟାର ଦରମା ଦିଆଯାଉଛି। ଏଥିସହ ଆଜକୁ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି କର୍ମଚାରୀମାନେ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟକରି ଆସୁଛନ୍ତି। ତାଙ୍କ ଚାକିରି ସ୍ଥାୟୀ କରିବାପାଇଁ ବହୁବାର ରାଜ୍ୟ ସରକାରଙ୍କୁ ଦାବିକରି ଆସୁଥିଲେ ମଧ୍ୟ ତାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ନାହିଁ । ଏଥିସହ ୧୦୮ ଆମ୍ବୁଲାନ୍ସ ସେବାକୁ ଗୋଟିଏ କମ୍ପାନୀ ହାତରେ ସରକାର ଦେଇଥିବା ବେଳେ ଉକ୍ତ କମ୍ପାନୀ ଦ୍ୱାରା ହିଁ ଏମାନଙ୍କୁ ଦରମା ପ୍ରଦାନ କରାଯାଉଛି। ଗତ ୨୦ ତାରିଖ ଦିନ ଏକ ନୂତନ କମ୍ପାନୀ ଏହାକୁ ନେଇଥିବା ବେଳେ ମାଲକାନଗିରି ଜିଲାର ପ୍ରାୟ ୨୦୦ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିନାହିଁ। ଫଳରେ ସେମାନେ ନିଜ କାର୍ଯ୍ୟ ସୁଚାରୁରୂପେ କରୁଥିବା ସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ରିପୋର୍ଟ ଦିଆଯାଇନାହିଁ। ତେଣୁ ରାଜ୍ୟ ସରକାର ତୁରନ୍ତ ଏମାନଙ୍କୁ ୧୨ ଘଣ୍ଟା କାର୍ଯ୍ୟର ପାରିଶ୍ରମିକ ପ୍ରଦାନ କରନ୍ତୁ, ନଚେତ୍ ସେମାନଙ୍କ କାର୍ଯ୍ୟକୁ ସ୍ଥାୟୀ ଘୋଷଣା କରାଯାଉ। ୨୦୦ ଜଣ ଆମ୍ବୁଲାନ୍ସ କର୍ମଚାରୀଙ୍କ ନିଯୁକ୍ତିପତ୍ର ତୁରନ୍ତ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିପ୍ରତି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ୩୦ ଓ ୩୧ରେ ରାଜରାସ୍ତାକୁ ଓହ୍ଲାଇବା ସହ ନଭେମ୍ବର ୧ରୁ କାର୍ଯ୍ୟବନ୍ଦ ଡାକରା ସହ ରାଜରାସ୍ତାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ସମସ୍ୟା ଘେରରେ ଫନ୍ଦିଗୁଡ଼ା ଗାଁ

କୋରୁକୋଣ୍ଡା, ୨୮।୧୦(ଶିବଦତ୍ତ ସାହୁ)

**ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସେବା ଓ ପାନୀୟ ଜଳ ମୁଖ୍ୟ ସମସ୍ୟା**

ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇରହିଛି ଅନେକ ଗ୍ରାମ। ଏମିତି ଏକ ଗାଁ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ ଓ ପାନୀୟଜଳ ଭଳି ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଗାଁକୁ ପକ୍କା ରାସ୍ତା କି ବିଜୁଳି ଆଲୁଅ ନାହିଁ। ପକ୍କା ରାସ୍ତା ନ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଫଳରେ ବିଭିନ୍ନ ସମୟରେ ରୋଗୀ ଗର୍ଭବତୀଙ୍କୁ ଦୀର୍ଘ ୩ କି.ମି. ବୋହି ଆମ୍ବୁଲାନ୍ସ ପାଖକୁ ଲୋକେ ଆଣନ୍ତି। ଦଶନ୍ଧି ଦଶନ୍ଧି ଧରି ସମସ୍ୟା ଘେରରେ ରହିଛି ଫନ୍ଦି ଗୁଡ଼ା ଗାଁ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ କାମବେଡ଼ା ପଞ୍ଚାୟତ ଅଧୀନରେ ରହିଛି ଏହି ଗାଁ। ଗାଁର ପାହାଡ଼, ଜଙ୍ଗଲ ଘେରା ପ୍ରାକୃତିକ ପରିବେଶର ମନୋରମ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏଠାରେ ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ସାଙ୍ଗକୁ କଳକଳ ନାଦରେ ବହିଯାଉଛି ଗମ୍ପାକୋଣ୍ଡା କେନାଲ। ଗାଁରେ ୩୨ ପରିବାର ବସବାସ କରନ୍ତି। ଜନସଂଖ୍ୟା ପାଖାପାଖି ୧୫୦। ପ୍ରତ୍ୟେକ ଲୋକ ନିଜ ମୌଳିକ ଅଧିକାରରୁ ବଞ୍ଚିତ ହେବା ଏବଂ ୩୨ ପରିବାରରୁ ଜଣଙ୍କୁ ଛାଡ଼ିଦେଲେ ୩୧ ପରିବାର ଆବାସ ଯୋଜନା ନ ପାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଞ୍ଚାୟତ ନିର୍ବାହୀ ଅଧିକାରୀ କିମ୍ବା ଜନ ପ୍ରତିନିଧିମାନେ ଆଦୌ ଗାଁକୁ ଆସୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ବର୍ଷ ହେଲା ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା, ବିଶୁଦ୍ଧ, ବିଦ୍ୟୁତ୍ ସେବା,ପାନୀୟଜଳ ସାତସପନ ହୋଇଛି। ଗାଁକୁ ସୋଲୁରୁକୋଣ୍ଡା ପଟୁ ଗଲେ ଖାଲ ଖମା ରାସ୍ତା। ସେହିପରି ଯଦି ଏମ୍‌ଭି-୫୦ ପଟରୁ ଆସିବା ରାସ୍ତା ଭଲ ରହିଛି। ହେଲେ ଉକ୍ତ ରାସ୍ତାରେ ଥିବା ନାଳରେ କଲଭର୍ଟ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ତେଣୁ ଉଭୟ ପଟେ ଗାଁକୁ ଆମ୍ବୁଲାନ୍ସ ଆସିବା ଏକ ପ୍ରକାର ଅସମ୍ଭବ ବୋଲି ଗ୍ରାମବାସୀ କହିଛନ୍ତି।

ଫନ୍ଦିଗୁଡ଼ା ଗାଁକୁ ପକ୍କା ରାସ୍ତା ନ ଥିବାରୁ ଆମ୍ବଲାନ୍ସ ଶବ୍ଦ ଶୁଣି ନ ଥିବା କହିଛନ୍ତି ଗାଁର କୁନି କୁନି ପିଲା। ରୋଗୀ ଏବଂ ପ୍ରସୂତିଙ୍କ ପାଇଁ ଗାଁରେ ଆମ୍ବଲାନ୍ସ ପଶିପାରୁ ନ ଥିବାରୁ ଜୀବନହାନି କଥାକୁ ଏଡାଇ ଦିଆଯାଇ ନ ପାରେ । କିନ୍ତୁ ନିର୍ବାଚନ ଆସିଲେ ନେତାମାନେ ବିକାଶର ପ୍ରତିଶ୍ରୁତି ଦେଇଥାନ୍ତି। ମାତ୍ର ଭୋଟ ମିଳିଗଲା ପରେ ଆଉ ଭେଟ ମିଳେନାହିଁ। ଗାଁରେ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ, ଯାହାଦ୍ୱାରା ଗର୍ଭବତୀଙ୍କ ପୋଷଣ ଚିନ୍ତା ଲାଗିଥାଏ। ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ୨ କି.ମି. ଦୂରରେ ଥିବା ତାଣ୍ଡିକୋଣ୍ଡା ଗାଁ କେନ୍ଦ୍ରକୁ ଯାଆନ୍ତି । କିନ୍ତୁ ସବୁଦିନେ ଛୋଟ ପିଲାଙ୍କୁ ଧରି ୨ରୁ ୩ କି.ମି.ଦୂର ଯିବା ଅସମ୍ଭବ। ତେଣୁ ୧୦ ରୁ ୧୨ ଶିଶୁ ଗାଁରେ ଥିବା ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପିଲାଙ୍କ ସହ ପାଠ ପଢୁଛନ୍ତି ବୋଲି ମହିଳାମାନେ କହିଛନ୍ତି। ଗାଁରେ ନଳକୂପ ନାହିଁ। ଗୋଟିଏ ସୋଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ଟାଙ୍କି ଫାଟି ପାଣି ଝରୁଛି। ମେଘୁଆ ପାଗରେ ପିଇବା ପାଣି ଲୋକଙ୍କୁ ମିଳେନାହିଁ। ଗାଁ ପାଖ ଗମ୍ପାକୋଣ୍ଡା କେନାଲ ପାଣି ଶୋଷ ମେଣ୍ଟାଉଥିବା ଗ୍ରାମବାସୀ କହିଛନ୍ତି । ଗାଁରେ କିଛି ସୁବିଧା ନାହିଁ, କେବଳ ରହିଛି ସମସ୍ୟା। ବାହ୍ୟ ଜଗତରୁ ଏକପ୍ରକାର ବିଚ୍ଛିନ୍ନ କହିଲେ ଭୁଲ୍ ହେବ ନାହିଁ। ଦୀର୍ଘ ବର୍ଷଧରି ଏହି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ଲୋକମାନେ ବାହାର ଦୁନିଆର କୌଣସି ଖବର ଜାଣି ପାରୁନାହାନ୍ତି। କିମ୍ବା ପିଲାମାନେ ପାଠପଢିପାରୁ ନାହାନ୍ତି। ସନ୍ଧ୍ୟା ହେଲେ ଗାଁ ଅନ୍ଧକାର । ବିଭିନ୍ନ ସମୟରେ ଲୋକଙ୍କ ଘରୁ ଅଜଗର ଓ ବିଷାକ୍ତ ସାପ ମଧ୍ୟ ବାହାରୁଥିବା ଗ୍ରାମବାସୀ କହିଛନ୍ତି। ବିଜୁଳି ସଂଯୋଗ ସମ୍ପର୍କରେ ଟାଟା ପାୱାର ଏସ୍‌ଡିଓ ବିଶ୍ୱକେଶନ ପ୍ରଧାନଙ୍କୁ ପଚାରିବାରୁ ଫନ୍ଦିଗୁଡା ଗାଁ ପାଇଁ ୮ ଲକ୍ଷ ଏବଂ ସେହିପରି ପୁରୁଣା ଚିମିଟାପାଲି ପଞ୍ଚାୟତର ଜାମଗୁଡା ଗାଁ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଖୁବ୍‌ଶୀଘ୍ର ଉଭୟ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଛନ୍ତି ।


ଫନ୍ଦିଗୁଡ଼ା ଗ୍ରାମବାସୀ ।

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)

ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଉପଜିଲାପାଳ ଆକାବରମ ଶଶ୍ୟା ରେଡ୍ଡୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି। ଜୟପୁର ଉପଜିଲାପାଳ ରେଡ୍ଡୀ ବିଧିବଦ୍ଧ ଭାବେ ଦାୟିତ୍ୱ ନେଇଛନ୍ତି।

# ଦୁର୍ନୀତିମୁକ୍ତ ସମାଜ ଗଠନ ନେଇ ଶପଥପାଠ

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

କୋରାପୁଟ,୨୮।୧୦(ଅମିତାଭ ବେହେରା)

କୋରାପୁଟସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ଜିଲାପାଳ ଭି.କୀର୍ତ୍ତି ଭାସନ,ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଓ ଆଲମଣୀ ସେଠିଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭରଚୁଆଲ ମାଧ୍ୟମରେ ସମସ୍ତ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଅନୁଶାସନକୁ ପାଳନ କରିବା, ସମସ୍ତ ଦାୟିତ୍ୱ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନା କରିବା, ଜନସାଧାରଣଙ୍କ ହିତ ପାଇଁ ସର୍ବଦା କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ସାଜିବା, ଦୁର୍ନୀତି କରିବା ନାହିଁ ଏବଂ ଏହାକୁ ପ୍ରଶ୍ରୟ ଦେବା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସଚେତନତା କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ପ୍ରଥମ ପୃଷ୍ଠାରୁ

**ଚିକିତ୍ସା ଅବହେଳାର...**

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**୮ କୋଟି ପାଇଁ...**

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ ଶୁଣାଣି କରିଥିଲେ। ଏଥିରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ଆକ୍କାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ କୀର୍ତ୍ତିଭାସନ ୨୨ ବ୍ୟକ୍ତିଗତ ଓ ୮ ଗୋଷ୍ଠୀ ଅଭିଯୋଗର ଶୁଣାଣି କରିଥିଲେ। ରାସ୍ତା ନିର୍ମାଣ, ଟ୍ରାଫିକ୍ ସମସ୍ୟା ଆଦି ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି କୋରାପୁଟ ଜିଲା ସଭା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ହୋଇଥିବା ଚିଠି ଅନୁଯାୟୀ ଜିଲାରେ ହେବାକୁ ଥିବା ଗ୍ରାମ ରୋଜଗାର ସେବକ ଜିଆର୍‌ଏସ୍ ଚୂଡ଼ାନ୍ତ ନିଯୁକ୍ତିକୁ କୋର୍ଟର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିବା ସହ ସଂଘ ତରଫରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି।




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ,ଉପଜିଲାପାଳ ଏବଂ ଅନ୍ୟମାନେ।

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ



ବିଡିଓଙ୍କୁ ଗୁହାରି କରିବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳାମାନେ।

**୧ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ**

ଦଶମନ୍ତପୁର,୨୮।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତ ଅଧିନ ଡି ସୁଜୁଲି ଗ୍ରାମର ଜିହୋ ବାଜିରୀ ସ୍ୱୟଂ ସହାୟକ ଗୋଷ୍ଠୀର ଜମାଖାତାରୁ ମହିଳାମାନଙ୍କ ଅଜ୍ଞାତରେ ଜାଲିଆତି ଦସ୍ତଖତ ମାରି ସ୍ଥାନୀୟ ଏମ୍‌ବିକେ ଏକ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଡିଓଙ୍କ ଅନୁପସ୍ଥିତରେ ଓଏଲ୍‌ଏମ୍ ସଂଯୋଜକ ଫିରୋଜ କୁମାର ଲିମାଙ୍କୁ ଘଟଣା ସମ୍ପର୍କରେ ଗୁହାରି କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେଲା ଏସ୍‌ଏଚ୍‌ଜି ଗଠନ କରି ବ୍ୟାଙ୍କରେ ମାସିକ ଦେୟ ଜମା କରି ଆସୁଥିଲେ। ଏଥିରେ ବ୍ଲକର ଓଡିଶା ଜୀବିକା ମିଶନ ପକ୍ଷରୁ ମହିଳାଙ୍କ ରୋଜଗାର କରିବା ନେଇ ପଞ୍ଚାୟତ ମହାସଂଘ ପକ୍ଷରୁ ସେମାନଙ୍କ ଜମାଖାତାକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହି ଟଙ୍କାକୁ ଡିସେମ୍ବର ମାସରେ ଏମ୍‌ବିକେ ଆତ୍ମସାତ କରିଥିବା ନେଇ ଦଳର ସମ୍ପାଦିକା ଭଗବତୀ ଚେଟି, ହୀରାମଣି ଚେଟି, ଲକ୍ଷ୍ମୀ ଚେଟି, ସେବତୀ ମହାନନ୍ଦିଆ, ଚନ୍ଦ୍ରା ଚେଟି, ରାଇମାନି ହରିଜନ, ରାହ୍ମା କୁଳଦୀପ,ଦୈମତି ଚେଟି ଓ କମଳା ଚେଟି ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ପୂର୍ବରୁ ଜିଲାପାଳଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଛନ୍ତି। ଏମ୍‌ବିକେଙ୍କୁ ଆମ ଅଜ୍ଞାତରେ ଜମାଖାତାରୁ ଟଙ୍କା କାହିଁକି ଏବଂ କେଉଁ ମାଧ୍ୟମରେ ଉଠାଇ ନେଲ ବୋଲି ମହିଳାମାନେ ପ୍ରଶ୍ନ କରିବାରୁ ସେ ନାଲି ଆଖି ଦେଖାଇବା ସହ ମୋ ଇଚ୍ଛା କେଉଁଠି ଗୁହାରି କରିବ କର ବୋଲି କହିଥିଲେ। ଓଏଲ୍‌ଏମ୍‌ର ବ୍ଲକ ସଂଯୋଜକ ଲିମା ଘଟଣାକୁ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ନୂତନ ଡଙ୍ଗା ଉଦ୍‌ଘାଟନ କଲେ ବିଧାୟକ

ଦଶମନ୍ତପୁର,୨୮।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣି ପଞ୍ଚାୟତ ଅଧିନ ଜଟିଆଗୁଡା ଗ୍ରାମ ନିକଟସ୍ଥ ମୁରାନ ଜଳ ଭଣ୍ଡାରରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ନୂତନ ଡଙ୍ଗା ଉଦ୍‌ଘାଟନ କରିଛନ୍ତି। ଅଞ୍ଚଳବାସୀ ଡ୍ୟାମ୍‌ରେ ଯାତାୟତ ପାଇଁ ନୂତନ ଡଙ୍ଗା ଯୋଗାଇ ଦେବାକୁ ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିଲେ। ଏ ନେଇ ଧରିତ୍ରୀ ଖବରକାଗଜରେ ବାରମ୍ବାର ଖବର ପ୍ରକାଶ ପାଉଥିଲା। ବିଧାୟକ ସାଉଁନ୍ତା ଏକ ନୂତନ ଡ଼ଙ୍ଗା ଉଦଘାଟନ କରିଥିବା ବେଳେ ବିଡିଓ,ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରା, ସାନ୍ତୁନ କୁମାର ନାହକ, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ଦଳେଇ,ସମ୍ପାଦକ ମୋହନ ପାତ୍ର ହିଆଲ, ଏମ୍‌ପି ପ୍ରତିନିଧି ପଙ୍କଜ ବାଘ, ପଦ୍ମନ ସଗର, ରମେଶ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଡ଼ଙ୍ଗା ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ଯାତାୟାତରେ ଅସୁବିଧା ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ ହାଟ,ବଜାର ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ମଧ୍ୟ ଦୈନିକ ଯିବା ଆସିବା କରୁଥିଲେ। ତେବେ ନୂତନ ବିଧାୟକ ସାଉଁନ୍ତା ପ୍ରତିଶ୍ରୁତି ରକ୍ଷା କରି ଏହି ଡ଼ଙ୍ଗା ଯୋଗାଇ ଦେବା ଦ୍ୱାରା ଦୁଆର ଶୁଣି ପଞ୍ଚାୟତରୁ ଆରମ୍ଭ କରି ନବରଙ୍ଗପୁର ଓ କୋରାପୁଟ ଜିଲାକୁ ସଂଯୋଗ ସ୍ୱାଭାବିକ ହୋଇଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ହୋଇଛନ୍ତି।



ଡଙ୍ଗା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଓ ଅଞ୍ଚଳବାସୀ।

## ଚାଷୀଙ୍କୁ ୧୦ କେଜି ଡାଲିଜାତୀୟ ବିହନ ଦେବାକୁ ଦାବି



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋକ ବିକାଶ ମଞ୍ଚର ସଦସ୍ୟମାନେ।

ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମହିଳା ଲୋକ ବିକାଶ ମଞ୍ଚ ଓ ଲୋକ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜିଲାର ପ୍ରାୟ ଅଧିକାଂଶ ଚାଷୀ ଖରିଫ ଋତୁରେ ଧାନ ଫସଲ ପରେ ବିହନ ଓ ସଚେତନତା ଅଭାବରୁ ଦ୍ୱିତୀୟ ଫସଲ ଭାବେ କୌଣସି ଚାଷ କରୁ ନ ଥିବା ବେଳେ ଜମି ପଡିଆ ରହୁଛି। ଚାଷୀମାନଙ୍କୁ ଚାଷ ପ୍ରତି ୧୦ କେଜି ଡାଲି ଜାତୀୟ ବିହନ ତୁରନ୍ତ ଯୋଗାଇ ଦିଆଗଲେ ସେମାନେ ଅଣ ଜଳସେଚିତ ଜମିରେ ଧାନ ଚାଷ କରି ଆବଶ୍ୟକତା ପୂରଣ କରିପାରନ୍ତେ। ଏଥିରୁ ଅର୍ଥ ରୋଜଗାର କରବା ସହ ଆସନ୍ତା ବର୍ଷ ଚାଷ ପାଇଁ ବିହନ ରଖିପାରନ୍ତେ ବୋଲି ବିଦ୍ଧୁ ଭୁଷଣ ମହାପାତ୍ର, ଅର୍ଜୁନ ଶୁକ୍ରି ଓ ଚନ୍ଦ୍ର ପୂଜାରି ପ୍ରମୁଖ ଦାବି କରିଛନ୍ତି।

## ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ୧୧ ଦଫା ନେଇ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସଭାପତି ଗଙ୍ଗାଧର ତାଙ୍ଗୁଳଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି ଦେବା, କାର୍ଯ୍ୟ କରିବାର ଠିକ୍ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ, ଯଦି କେହି କର୍ମଚାରୀ ଓଭରଡ୍ୟୁଟି କରୁଛନ୍ତି ୧ ଘଣ୍ଟାକୁ ପାରିଶ୍ରମିକ ନିର୍ଦ୍ଧାରଣ କରାଯିବା, ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଠିକାସଂସ୍ଥାରୁ ମୁକ୍ତକରାଇ ନିୟମିତ କରିବା, ୧୨ ଘଣ୍ଟାର କାର୍ଯ୍ୟ ପାଇଁ ୧୨ ଘଣ୍ଟାର ପ୍ରାପ୍ୟଦେବା, ଆମ୍ବୁଲାନ୍ସ କର୍ମୀଙ୍କ ମୃତ୍ୟୁ ହେଲେ ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ଆଦି ଅନୁକମ୍ପା ରାଶି ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଅକ୍ଟୋବର ୩୦ରେ ଜିବିଏସ୍ ବନ୍ଦକରି ରୋଗୀ ସେବା କରାଯିବ। ପୁଣି ୧ ତାରିଖରୁ ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ଭାବେ ରୋଗୀ ସେବା ବନ୍ଦକରି ରାଜରାସ୍ତାକୁ ଓହ୍ଲାଇବାକୁ ସଭାପତି ତାଙ୍ଗୁଳ,ସମ୍ପାଦକ ଧରଣୀଧର ସାହୁକାର, ବୁଦ୍ରା ପରଜା ଓ କହ୍ନେଇ କୁଳଦୀପ ଚେତାବନୀ ଦେଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା କୋରାପୁଟ ଜିଲା ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ସଦସ୍ୟମାନେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଜୟପୁର,୨୮।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ବିଦ୍ୟାଳୟଭିତ୍ତିକ ପ୍ରତିଯୋଗିତାକୁ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିବା ବେଳେ ନାରାୟଣୀ ଇଂଲିଶ ମିଡିୟମ ସ୍କୁଲର ଚେୟାରମ୍ୟାନ ନାରାୟଣୀ ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲା ଶାରୀରିକ ଶିକ୍ଷାଧିକାରୀ ଭୀମ ବେହେରା ଓ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୧୪ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୯୩ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ମଙ୍ଗଳବାର ଉଦ୍‌ଯାପନ ସମାରୋହ ଅନୁଷ୍ଠିତ ହେବ। ଶାରୀରିକ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ,ତାପସ ମହାନ୍ତି, ଅନିଲ ପତି,ରଘୁ ବେହେରା,ଗଗନ ଦାସ,ଦିବାକର ସାହୁ,ନରେଶ ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷକ ବିଶ୍ୱ ଗୌଡ ଓ ବାସୁଦେବ ସେନାପତି ପ୍ରମୁଖ ସହଯୋଗ କରିଥିଲେ।




ବିଭିନ୍ନ ବ୍ଲକ୍‌ରୁ ଆସିଥିବା ପ୍ରତିଯୋଗୀମାନେ।

## ବିଡିଓଙ୍କୁ ଘର ମାଗିଲେ ୯୧ ବର୍ଷୀୟ ବୃଦ୍ଧ

**କୁନ୍ଦୁରା ବ୍ଲକସ୍ତରୀୟ ଜନଶୁଣାଣି**

କୁନ୍ଦୁରା,୨୮।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସୀମାନ୍ତ ଘୁମର ପଞ୍ଚାୟତରେ ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଲୋକେ ଅଭିଯୋଗ ଆଣିଥିବା ବେଳେ ଜନ ଗହଳି ମଧ୍ୟରେ ଜଣେ ୯୧ ବର୍ଷ ବୃଦ୍ଧଙ୍କୁ ଦେଖି ବିଡିଓ ଆସନରୁ ଉଠିପଡ଼ିଥିଲେ। ଗୌର ଚନ୍ଦ୍ର ପାଡ଼ିଆଙ୍କ ଆଖିକୁ ଭଲ ଭାବେ ଦେଖା ଯାଉ ନ ଥିଲେ ମଧ୍ୟ ସେ ଅଭିଯୋଗ ପ୍ରକୋଷ୍ଠ ନିକଟକୁ ଆସି କୋହଭରା କଣ୍ଠରେ ଆଜ୍ଞା ମୋତେ ରହିବା ପାଇଁ ଆବାସ ଖଣ୍ଡେ ଦିଅନ୍ତୁ ବୋଲି କହିଥିଲେ। ବିଡିଓ ପିଇଓ ଶରତ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେବା ସହ ସରକାରଙ୍କ ବର୍ତ୍ତମାନ ଆସୁଥିବା ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଶୀଘ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସ୍ଥାନରେ ପୂର୍ବରୁ ହୋଇଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଆବାସ ଯୋଜନାର ୯୫ ଦିନର ଶ୍ରମ ଦିବସ ଅର୍ଥ ରାଶି ଦୀର୍ଘ ଦିନ ହେବ ପୈଠ କରାଯାଇ ନ ଥିବା,ଶୋଚନୀୟ ରାସ୍ତାର ନିର୍ମାଣ, ପୂର୍ବରୁ ଆବେଦନ ହୋଇଥିବା ଉଠା ଜଳସେଚନ କାର୍ଯ୍ୟ ଅତିଶୀଘ୍ର ସାରିବାକୁ କୃଷି ବିଭାଗକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀଙ୍କୁ ଚିହ୍ନଟ କରି ଆବାସ ଯୋଜନା ଯୋଗାଇ ଦେବା ନେଇ ଗୋଷ୍ଠୀଗତ ଅଭିଯୋଗ ହୋଇଥିବା ବେଳେ ଏହାକୁ ଗୁରୁତର ସହ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ତଦାରଖ କରିବୁ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱରୂପ ରଞ୍ଜନ ସାହୁ, ସିଡିପିଓ ଆରତୀ ମହାପାତ୍ର, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ ପ୍ରଧାନ, ଦିଗାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ,ଘୁମର ସରପଞ୍ଚ ରାମଚନ୍ଦ୍ର ବାଣୁଆ, ସଦା ସେଠୀ ଓ ପିଇଓ ଶରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ବିଡିଓ କପିଳେଶ୍ୱର ତାଣ୍ଡି ଏବଂ ଅନ୍ୟମାନେ।

## ୨୪ବର୍ଷ ହେଲା ସ୍ଥାୟୀ ହୋଇନାହାନ୍ତି ୨୮ କର୍ମଚାରୀ

- ପୁଙ୍ଗାର ଏକଲବ୍ୟ ଆଦର୍ଶ ବିଦ୍ୟାଳୟ
- ପିଲାଙ୍କ ଭବିଷ୍ୟତ ଗଢୁଥିବା ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରରେ

ସୁନାବେଡା/ସେମିଳିଗୁଡା,୨୮।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଭାରତ ସରକାରଙ୍କ ଦ୍ୱାରା ୨୦୦୦ରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସାରା ରାଜ୍ୟରେ ୩୨ ଆଦର୍ଶ ବିଦ୍ୟାଳୟ ଥିବା ବେଳେ କୋରାପୁଟ ଜିଲା ସେମିଳିଗୁଡା ବ୍ଲକ କୁନ୍ଦୁଲି ପଞ୍ଚାୟତ ପୁଙ୍ଗାରରେ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି। ଯେଉଁଥିରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ୨୮ ଶିକ୍ଷକ ଓ ଅଣଶିକ୍ଷକ ଅସ୍ଥାୟୀ କର୍ମଚାରୀ ରହିଛନ୍ତି। ଫଳରେ ଦୀର୍ଘ ୨୪ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଏପରି ସ୍ଥଳେ ପିଲାଙ୍କ ଭବିଷ୍ୟତ ଗଢିବାକୁ ଯାଇ ନିଜ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇ ଯାଉଥିବା କ୍ଷୋଭର ସହ କହିଛନ୍ତି କେତେକ କର୍ମଚାରୀ। ଏମାନଙ୍କୁ ସ୍ଥାୟୀ କରା ନ ଯାଇ ଗତ ଜୁନ ୨୦୨୪ରୁ ଖାଲି ଥିବା ପଦବୀରେ ପ୍ରାୟ ୧୯ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ବହୁଦିନ ଧରି ଖାଲିଥିବା ପଦବୀଗୁଡିକରେ ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର ଟ୍ରାଇବାଲ ଷ୍ଟୁଡେଣ୍ଟସ୍ (ଏନଇଏସ୍‌ଟି) ମାଧ୍ୟମରେ ନିକଟରେ କେନ୍ଦ୍ର ସରକାର ସ୍ଥାୟୀ ନିଯୁକ୍ତି କରିଥିବା ବେଳେ ଅସ୍ଥାୟୀ ଭାବେ ଦୀର୍ଘ ବର୍ଷଧରି କାମ କରୁଥିବା କର୍ମଚାରୀଙ୍କ କଥା ଭୁଲି ଯାଇଛନ୍ତି। ଯାହାକୁ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ବର୍ଷ ହେବ ସେମାନେ ୮ ରୁ୧୦ ହଜାର ମାସିକ ବେତନରେ କାମ କରି ଆସୁଛନ୍ତି। ଯେତେବେଳେ କି ଦୈନିକ ମଜୁରି ୪୦୦ରୁ ୫୦୦ ଟଙ୍କା ହୋଇଛି। ଏଠାକାର କର୍ମଚାରୀମାନେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନ ଥିବା କ୍ଷୋଭର ସହ କହିଛନ୍ତି। ସେମାନଙ୍କ ଦାବିକୁ ନେଇ ବିଦ୍ୟାଳୟର କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏହା ଯେଉଁ ବିଭାଗ ଦ୍ୱାରା ପରିଚାଳିତ ଉକ୍ତ ବିଭାଗ କିମ୍ବା ରାଜ୍ୟ ସରକାର କେହି ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଉଚ୍ଚ ନ୍ୟାୟାଳୟ, ପରିଚାଳନା କରୁଥିବା ସମ୍ପୃକ୍ତ ବିଭାଗକୁ ନୋଟିସ କରିଥିଲେ ମଧ୍ୟ ବିଭାଗ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଫଳରେ କର୍ମଚାରୀମାନେ ମାନସିକସ୍ତରରେ ଦୁର୍ବଳ ହେଉଛନ୍ତି। ଯାହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡିବ ବୋଲି କେତେକ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି। ସରକାର ଶୀଘ୍ର ଏହାର ସମାଧାନ କରିବା ଆବଶ୍ୟକ, ନ ହେଲେ ହଜାର ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯିବ।

ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ) ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ସେଗୁଡିକ ଭାରତ ସରକାରଙ୍କ ନିଷ୍ପତ୍ତି। ଯେଉଁ ନିଯୁକ୍ତି ସବୁ ହେଉଛି ତାହା କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ଏଜୁକେଶନ ସୋସାଇଟି ଫର ଟ୍ରାଇବାଲ ଷ୍ଟୁଡେଣ୍ଟସ୍ (ଏନଇଏସ୍‌ଟି) କରୁଛି। ଆମର ସେଥିରେ କୌଣସି ଭୂମିକା ନ ଥିବା ସେ କହିଛନ୍ତି । ଅନ୍ୟ ପକ୍ଷରେ ଆଇଟିଡିଏ ପ୍ରୋଜେକ୍ଟ ଆଡ଼ମିନଷ୍ଟ୍ରେଟର ତପନ କୁମାର ନାୟକଙ୍କୁ ପଚାରିବାରୁ ବିଦ୍ୟାଳୟର ଇନ୍‌ଫ୍ରାଷ୍ଟ୍ରକ୍ଚର ଏବଂ ମରାମତି ଦାୟିତ୍ୱ କେବଳ ଆମ ବିଭାଗର ବୋଲି କହିଛନ୍ତି।

